# Akashvani, Sambalpur

# SAMBALPURI NEWS BULLETIN

## 29 September 2024- 6.47- 6.52 am.

**********************************************

ମନ୍ କି ବାତ୍          ଏନ୍ଏସ୍ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୧୪ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଏଆଇଆର୍ ନ୍ୟୁଜ୍, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍ ଥି ଭିଲ୍ ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଳିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜ୍‌ନା ଆର୍‌ଏନ୍‌ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ରାଜ୍ୟ କେବିନେଟ୍‌ର ଗୁଟେ ବୈଠକ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଗଲାକାଏଲ୍ ହେଇଯାଇଛେ । ବୈଠକ୍‌ଥି ୬ ଟା ବିଭାଗ୍‌ର ୭ ଟା ପ୍ରସ୍ତାବ୍ ପାରିତ୍ ହେଇଛେ । ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜ୍‌ନାକେ କେବିନେଟ୍‌ଥି ପାରିତ୍ କରାଯାଇଛେ । ୫ ବଛ୍‌ରେ ଇ ଯୋଜ୍‌ନାଥି ୧ ହଜାର୍ ୪ ଶହ ୨୩ କୋଟି ୪୭ ଲାଖ୍ ଟଙ୍କା ଖର୍ଚ୍ଚା ହେବା । ରାଜ୍ୟର୍ ଦୁଗ୍ଧ ଉତ୍ପାଦନ୍‌କେ ବଢ଼ାବାର୍ ସଙ୍ଗେ ୧୫ ଲାଖ୍ ୪୭ ହଜାର୍ ୮ ଶହ ୩୭ ଝନ୍ ଦୁଗ୍ଧ ଚାଷୀ ଇ ଯୋଜ୍‌ନାଥି ଉପକୃତ ହେବେ । ସେମାନ୍‌କର୍ ଆୟ ଭିଲ୍ ବଢ଼୍‌ବା ।

ସେନ୍ତା ଓଡ଼ିଶା ହାଇକୋର୍ଟ କର୍ମଚାରୀଙ୍କର୍ ଲାଗି କଟକ୍ ସିଡିଏ ସେକ୍ଟର୍ ୧୩ ନ ୫ ଶହ ୫୦ ଟା କ୍ୱାଟର୍ସ ତିଆର୍ କରାଯିବା । ଇତାର୍‌ସଙ୍ଗେ କମ୍ୟୁନିଟି ହଲ୍ ଆର୍ ଖେଲ୍‌ପଡ଼ିଆ ତିଆରି ଲାଗି କେବିନେଟ୍‌ଥି ନିଷ୍ପତି ନିଆଯାଇଛେ । ଇଥିର୍‌ଲାଗି ୨ ଶହ ୨୦ କୋଟି ୪୦ ଲାଖ୍ ଟଙ୍କା ଖର୍ଚ୍ଚା ହେବାର୍‌କେ ଥିବାର୍ ବେଲେ ଇ କାମ୍‌କେ ୩୦ ମାସ୍ ଭିତ୍‌ରେ ସାର୍‌ବାର୍‌କେ ଲକ୍ଷ୍ୟ ରଖାଯାଇଛେ ।

ସେନ୍ତା ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ବିଭାଗ୍ ତର୍ଫୁ ଆଗତ ହେଇଥିବା ଘରୋଇ କଂଟ୍ରୋଲ୍ ଡିଲର୍ମାନ୍କର୍ କାର୍ଯ୍ୟକାଳ ସମିଆ ୨୦୨୬ ମସିହା ମାର୍ଚ୍ଚ ମାସ୍ତକ୍ ବଢ଼ାଯାଇଛେ ।

ରାଏଜେ ସାଧାରଣ ବଂଟନ୍ ବ୍ୟବସ୍ଥା ମୋଟ୍ ୧୧ ହଜାର୍ ୯ ଶହ ୩ ଟା ସୁଲଭ ଦର ଦୁକାନ୍ ଜରିଏ ଚାଲିଛେ । ଇତାର୍ ଭିତ୍ରେ ୫ ହଜାର୍ ୨ ଶହ ୯୨ ଟା ବେସର୍କାରୀ ଡିଲର୍ ଆର୍ ବାକିସବୁ ଆନୁଷ୍ଠାନିକ ଖାଉଟି ଡିଲର୍ ଅଛନ୍ ।

ଜିଲ୍ଲାପାଲ୍ ସମ୍ମିଳନୀ- ଉଦ୍ଯାପିତ ଆର୍ଏନ୍ୟୁ /ସମ୍ବଲପୁର

ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ନ ଦୁଇ ଦିନ୍ ଧରିକରି ଚାଲିଥିବା ଜିଲ୍ଲାପାଲ୍ ଆଉ ଆରକ୍ଷୀ ଅଧୀକ୍ଷକ ସମ୍ମିଳନୀ ଗଲାକାଏଲ୍ ଉଦ୍ଯାପିତ୍ ହେଇଯାଇଛେ । ଉଦ୍ଯାପନୀ ସମାରୋହଥି ଉଦ୍ବୋଧନ୍ ଦେଇକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ ଯେ, ଇ ଦୁଇଦିନିଆ ଅଧିବେଶନ୍ ପ୍ରଶାସନ୍କେ ଅଏତ୍କା କ୍ରିୟାଶୀଳ କର୍ବାର୍ଥି ସାହାଜ୍ କର୍ବା । ୨୪ ବଛର୍ ଧରିକରି ଅଧିକାରୀମାନେ ଗୁଟେ ପ୍ରକାର୍

କାର୍ଯ୍ୟଶୈଳୀରୁ ଚାଲିଥିବାର୍‌ନୁ ଏଛେନ୍ ନୂଆଁ କାର୍ଯ୍ୟଶୈଳୀ ଅପ୍‌ନାବାର୍‌ଥି କେତେ ସମସ୍ୟା ଦେଖାଦେଇପାରେ । ହେଲେ ସବୁ ଅଧିକାରୀମାନେ ହେଉଛନ୍ ଦକ୍ଷ ଆଉ ସମ୍ପୂର୍ଣ୍ଣ ଭାବେ ବୃତିଗତ ପ୍ରଶାସକ । ହେଥିର୍‌ଲାଗି ସର୍‌କାର୍‌ଙ୍କର୍ ଅଭିମୁଖ୍ୟ ଆଉ ଲକ୍ଷ୍ୟକେ ନଜର୍‌କେ ରଖିକରି ଅଧିକାରୀମାନେ ନିଜର୍ ନିଜର୍ ସ୍ତର୍‌ଥି କାମ୍ କର୍‌ବେ ବଲି ମୁଖ୍ୟମନ୍ତ୍ରୀ ଆଶ୍ କରିଛନ୍ ।

ମାଓ ମୁକାବିଲା ଆର୍‌ଏନ୍‌ୟୁ / ସମ୍ବଲପୁର

ମାଓ ମୁକାବିଲା କ୍ଷେତ୍ର୍‌ଥି ଓଡ଼ିଶା ପୁଲିସ୍ ଉଲ୍ଲେଖନୀୟ ସଫଳତା ହାସଲ୍ କରିଛେ । ରାଜ୍ୟ ପୁଲିସ୍ ଆଉ କେନ୍ଦ୍ରୀୟ ସୁରକ୍ଷା ବଳର ମିଳିତ ସହଯୋଗଥି ଓଡ଼ିଶାକେ ମାଓ ହିଂସା ନୁ ମୁକ୍ତ କରାଯାଇପାରିଛେ ବଲି ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ କହିଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଜିଲ୍ଲାପାଳ ଆଉ ଆରକ୍ଷୀ ଅଧିକ୍ଷକଙ୍କର୍ ମିଳିତ ସମ୍ମିଳନୀଥି ଶ୍ରୀ ଖୁରାନିଆ କହିଛନ୍ ଯେ, ଏଛେନ୍ କେତେଟା ଜିଲ୍ଲା ନ ମାଓବାଦୀମାନ୍‌କର୍ ଗତିବିଧି ଲକ୍ଷ୍ୟ କରାଯାଉଛେ । ସେ ଜିଲ୍ଲାମାନ୍‌କେ ତୃଣମୂଳସ୍ତର୍‌ଥି ଜିଲ୍ଲାପାଲ୍

ଆଉ ଏସ୍.ପି.ମାନେ ମିଳିତ ଭାବେ କାମ୍ କଲେ ଇ ସମସ୍ୟାକେ ରୋକାଯାଇପାର୍‌ବା ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ବନ୍ଦ୍         ଆର୍‌ଏନ୍‌ୟୁ /ସମ୍ବଲପୁର

ଭୁବ୍‌ନେଶ୍ୱର୍ ୟୁନିଟ୍ - ୫ ନ ଆଏବା କାଏଲ୍ ହେବାର୍‌କେ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ମୁଖ୍ୟମନ୍ତ୍ରୀଙ୍କର୍ ଅଲ୍‌ଗା ଗୁରୁତ୍ୱପୂର୍ଣ୍ଣ ସର୍‌କାରୀ କାମ୍ ଥିବାର୍‌ନୁ ଆଏବାକାଏଲ୍ ଅଭିଯୋଗ୍ ପ୍ରକୋଷ୍ଠକେ ବନ୍ଦ୍ ରଖାଯାଇଛେ । ପରବର୍ତ୍ତୀ ଅଭିଯୋଗ୍ ଶୁଣାଣିର୍ ତାରିଖ୍ ଲୋକ୍‌ମାନ୍‌କୁ ଖବର୍‌କାଗଜ୍ ଜରିଏ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ୍ ଆର୍ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ମିଳିଛେ ।

ବିଶ୍ୱ ହୃତ୍‌ପିଣ୍ଡ ଦିବସ      ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ବିଶ୍ୱ ହୃତ୍‌ପିଣ୍ଡ  କି ହାର୍ଟ ଦିବସ । ହୃଦ୍‌ରୋଗ ବିଷେଥି ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଆଝିର୍ ଦିବସ୍ ପାଲନ୍‌ର ମୁଲ୍ ଲକ୍ଷ୍ୟ ଆଏ । ଇଥରର୍ ବିଶ୍ୱ ହୃତ୍‌ପିଣ୍ଡ ଦିବସର ବାର୍ତ୍ତା ହେଉଛେ

'ହୃତ୍‌ପିଣ୍ଡର ଉତମ ବ୍ୟବହାର' । ଉଚ୍ଚ ରକ୍ତଚାପ, ମଧୁମେହ, ଅତ୍ୟଧିକ କୋଲେଷ୍ଟ୍ରଲ୍ ମୋଟାପଣ, ମାନସିକ ଦୁର୍ଶ୍ଚିନ୍ତା, ଧୁମ୍ରପାନ, କମ୍ ପରିଶ୍ରମ ଆର୍ ବଦ୍‌ଲୁଥିବା ଜୀବନ୍‌ଶୈଲୀ ଲାଗି ଲୋକ୍‌ମାନେ ହୃଦ୍‌ରୋଗଥି ପଡ଼୍‌ସନ୍ । ପୁର୍‌ଥି ନ ଫି ବଛର୍ ୧୭ ମିଲିୟନ୍ ଲୁକ୍‌କର୍ ହୃଦ୍‌ରୋଗ ସମସ୍ୟା ଲାଗି ଜୀବନ୍ ଯାଉଛେ । ଇଥୁ ୮୦ ପ୍ରତିଶତ୍ ଲୋକ୍ ମଧମ ଆଉ କମ୍ ଆୟ କର୍‌ବାର୍ ଦେଶ୍‌ମାନ୍‌କର୍ ଆନ୍ ।  ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍ ତର୍‌ଫୁ ୧୯୯୭ ମସିହାନୁ ହୃତ୍‌ପିଣ୍ଡ ଦିବସ୍ ପାଳନ୍ କରାଯାଉଛେ ।

ରାଷ୍ଟ୍ରୀୟ ପୋଷଣ ମାସ-ବଲାଙ୍ଗିର୍        ଆର୍‌ଏନ୍‌ୟୁ /ସମ୍ବଲପୁର

ଓଡ଼ିଶା ରାଜ୍ୟ ମହିଳା ଆୟୋଗ୍ ଆର୍ ବଲାଙ୍ଗିର୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଭୀମଭୋଇ ଭେଷଜ ମହାବିଦ୍ୟାଳୟ ଆଉ ଚିକିତ୍ସାଳୟ ପ୍ରେକ୍ଷାଳୟ ନ ସପ୍ତମ ରାଷ୍ଟ୍ରୀୟ ପୋଷଣ ମାସ -୨୦୨୪ କାର୍ଯ୍ୟକ୍ରମ୍ ଗଲାକାଏଲ୍ ହେଇଯାଇଛେ । ଇଥି ରାଜ୍ୟ ମହିଳା ଆୟୋଗ୍‌ର ଅଧକ୍ଷା ଡକ୍ଟର୍ ମୀନତୀ ବେହେରା ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ ।

ପୂର୍ବତଟ ରେଲ୍‌ପଥ-ସ୍ୱଚ୍ଛତା ହିଁ ସେବା ଆର୍‌ଏନ୍‌ୟୁ /ସମ୍ବଲପୁର

ପୂର୍ବତଟ ରେଲ୍‌ପଥ୍ ତର୍‌ଫୁ ଭିନ୍ ଭିନ୍ ରେଲ୍‌ଷ୍ଟେସନ୍ ନ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ୍ ଚାଲିଛେ । ପୂର୍ବତଟ ରେଲ୍‌ପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କ୍‌ୱାଲ୍ ଭୁବ୍‌ନେଶ୍ୱର୍ ରେଲ୍‌ଷ୍ଟେସନ୍ ନ ଗଲାକାଏଲ୍ ହେଇଥିବା ଜନଭାଗିଦାରୀ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ୍‌ଥି ସାମିଲ୍ ହେଇଥିଲେ । ସେନ୍ତା ଅତିରିକ୍ତ ମହାପ୍ରବନ୍ଧକ ମହେଶ କୁମାର୍ ବେହେରା ପୁରୀ ରେଲ୍‌ଷ୍ଟେସନ୍ ନ ହେଇଥିବା ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ୍‌ଥି ଅଂଶଗ୍ରହଣ କର୍‌ବାର୍ ସଙ୍ଗେ ସ୍ୱଚ୍ଛତା ଉପ୍‌ରେ ଲୁକ୍‌କୁ ସଚେତନ୍ କରେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛେ । ଇତାର୍ ପ୍ରଭାବ୍‌ଥି ଆଏଜ୍ ସୁନ୍ଦର୍‌ଗଡ଼୍, ନୂଆପଡ଼ା, ସହେତେ ୯ ଟା ଜିଲ୍ଲା ନ ଧୁକାଗର୍ଡ଼ି ସହେତେ ବର୍ଷା ହେଇପାରେ । ଇତାକେ ନେଇକରି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ କରାଯାଇଛେ ।